# ୧୩ ସ୍ୱାସ୍ଥ୍ୟକେନ୍ଦ୍ରରେ କିଶୋରଙ୍କ ଟିକାକରଣ

**ଢେଙ୍କାନାଳ ଅଫିସ, ୩୧।୧୨**

ଢେଙ୍କାନାଳ ଜିଲାର ପ୍ରମୁଖ ୧୩ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସନ୍ତା ୩ ତାରିଖରୁ କିଶୋର (୧୫ରୁ ୧୮ ବର୍ଷ)ଙ୍କୁ କୋଭିଡ୍ ଟିକାକରଣ କରାଯିବ। ଜିଲା ଚିକିତ୍ସାଳୟ, ହିନ୍ଦୋଳ ଓ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ସମେତ ବେଲଟିକିରି, ଶ୍ରୀରାମଚନ୍ଦ୍ରପୁର, ଓଡ଼ାପଡ଼ା, ପରଜଙ୍ଗ, ବୀରାଶାଳ, ଖଜୁରିଆକଟା, ଅଁଳାବେରେଣୀ, ଭୁବନ, ଜିରାଳ, ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବା ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧ଟା ଯାଏ ଟିକାକରଣ ହେବ। ଟିକାକରଣର ସୁଯୋଗ ନେବା ଲାଗି ସିଡିଏମ୍ଓ ଡା. ଅଶୋକ କୁମାର ଦାଶ ନିବେଦନ କରିଛନ୍ତି। ଏ ସମ୍ପର୍କିତ ଏକ ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଉପସ୍ଥିତ ଥିଲେ।













# ସଂରକ୍ଷଣ ଦାବିରେ ଆନ୍ଦୋଳନ କରିବ ଭାଜପା

**ଅନୁଗୋଳ ଅଫିସ,୩୧।୧୨**

ଅନୁଗୋଳ ଜିଲା ଭାଜପା ଓବିସି ମୋର୍ଚ୍ଚା ଜିଲା ପଦାଧିକାରୀ ବୈଠକ ସଭାପତି ସରୋଜ ଜେନାଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ପଛୁଆ ବର୍ଗଙ୍କ ଅଧିକାରକୁ ସରକାର କ୍ଷୁଣ୍ଣ କରୁଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟର ୫୪ ପ୍ରତିଶତ ଲୋକ ଓବିସି ହୋଇଥିବା ବେଳେ ସବୁ କ୍ଷେତ୍ରରେ ପଛୁଆବର୍ଗକୁ ଅବହେଳା ପ୍ରଦର୍ଶନ କରାଯାଉଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ନ କରିବା ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ବିରୋଧ ମନୋଭାବ ପ୍ରକାଶ କରୁଛି। ତେଣୁ ନିର୍ବାଚନରେ ଓବିସିଙ୍କ ସ୍ଥାନ ସଂରକ୍ଷଣ ଦାବିରେ ଆସନ୍ତା ୩ ତାରିଖରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏଥିସହ ଜିଲାରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଅଶୋକ ମହାନ୍ତି, ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ଚୌଧୁରୀ ପ୍ରଧାନ, ପ୍ରଦୀପ ପ୍ରଧାନ, ସୁଦୀପ ଗଡନାୟକ, ବିଜୟ ମାଝି, ଯଶୋବନ୍ତ ପ୍ରସାଦ ବେହେରା, ଲକ୍ଷ୍ମଣ କୁମାର ସାହୁ, ଉପସଭାପତି କହ୍ନେଇ ସାହୁ, ବିଭୂତି ସାହୁ, ସମ୍ପାଦକ ହରେକୃଷ୍ଣ ପ୍ରଧାନ, ସୁଧାକର ବେହେରା, ନବକିଶୋର ପ୍ରଧାନ, ମିଲପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ସ୍ମାର୍ଟ ରୋଡ୍ ପାଇଁ ୧୨କୋଟି

**ଢେଙ୍କାନାଳ ଅଫିସ, ୩୧।୧୨**

ସ୍ପେସିଫିକେଶନସ୍ ଫର୍ ଅର୍ବାନ ରୋଡ୍ ଏକ୍‌ଜିକ୍ୟୁଶନ (ଏସ୍‌ୟୁଆର୍‌ଇ) ଯୋଜନାରେ ଆନୁକୂଲ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୬ ୱାର୍ଡରେ ୭ ସ୍ମାର୍ଟ ରୋଡ୍ ନିର୍ମାଣ କରାଯିବ। ଏଥିରେ ୧୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିଲାଗି ପୌରସଂସ୍ଥା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଢେଙ୍କାନାଳକୁ ଆଦର୍ଶ ସହର ଭାବେ ଘୋଷଣା କରାଯିବା ପରେ ରାସ୍ତାଘାଟ ଉନ୍ନତୀକରଣ ଲାଗି ନୀଳ ନକ୍ସା ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ପୌରାଞ୍ଚଳର ୪, ୫, ୬, ୭, ୧୦ନଂ. ୱାର୍ଡ ଏବଂ ଟାଉନ ପ୍ଲାନିଂ ଅଞ୍ଚଳରେ ମୋଟ ୬.୦୨ କିଲୋମିଟରର ରାସ୍ତା ନିର୍ମାଣ ହେବ। ସ୍ମାର୍ଟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ରହିବ। ଖାଲିସ୍ଥାନରେ ପିଲାଙ୍କ ମନୋରଞ୍ଜନ ଲାଗି କ୍ରୀଡ଼ା ଉପକରଣ, ଜିମ୍ କରାଯିବ। ସବୁଜ ବନାନୀ ସୃଷ୍ଟି ଲାଗି ଚାରା ରୋପଣ ହେବ। ବରିଷ୍ଠ ନାଗରିକଙ୍କ ପାଇଁ ପାଦଚଲା ରାସ୍ତା ତିଆରି ହେବ ବୋଲି ଯୋଜନା କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)ରେ ୫ କୋଟି ୨୭ଲକ୍ଷ ବ୍ୟୟ ଅଟକଳରେ ସହରରେ କ୍ଷୁଦ୍ର ପାର୍କ, ଓପନ ଜିମ୍, ଭେଣ୍ଡିଂ ଜୋନ୍ କରାଯାଉଛି।ପୌରାଞ୍ଚଳସ୍ଥିତ ୪ ପ୍ରମୁଖ ପୋଖରୀକୁ ନୂଆ ରୂପ ଦିଆଯାଉଛି। କପିଳାସ ପୀଠ ପାଦ ଦେଶରେ ୧୩୫୨ ପହାଚ ଆରମ୍ଭରେ ମହାଦେବଙ୍କ ବିଶାଳ ଗଙ୍ଗାବତରଣ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ସପ୍ତଶଯ୍ୟାରେ ପର୍ଯ୍ୟଟକଙ୍କ ସୁବିଧା ଲାଗି ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ ଜାରିରହିଛି। ଏହାକୁ ବାଦ୍‌ଦେଲେ ଢେଙ୍କାନାଳ ସହରର ୪ ପ୍ରବେଶ ଦ୍ୱାରରେ କଂକ୍ରିଟ ତୋରଣ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଢେଙ୍କାନାଳ ପୌରାଞ୍ଚଳ ସମେତ ପର୍ଯ୍ୟଟନସ୍ଥଳୀ ଉନ୍ନତୀ ପାଇଁ ବିଭିନ୍ନ କାର୍ଯ୍ୟ ଆରମ୍ଭ ହୋଇଛି। ସହରର ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି।

# ୮ କୋଭିଡ୍ ମୃତକଙ୍କ ପୂର୍ଣ୍ଣାଙ୍ଗ ଠିକଣା ମିଳୁନି

## ଅନୁକମ୍ପା ସହାୟତାରୁ ବଞ୍ଚିତ ପରିବାର

**ଢେଙ୍କାନାଳ ଅଫିସ, ୩୧।୧୨**

ଢେଙ୍କାନାଳ ଜିଲା ହିନ୍ଦୋଳ ତହସିଲ୍ ଅଞ୍ଚଳରେ କୋଭିଡ୍ ସଂକ୍ରମଣରେ ମୃତ୍ୟୁ ଘଟିଥିବା ୮ ଜଣଙ୍କ ପୂର୍ଣ୍ଣାଙ୍ଗ ଠିକଣା ମିଳୁନାହିଁ। ଫଳରେ ସମ୍ପୃକ୍ତ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ବଣ୍ଟନ କରାଯାଇପାରୁନାହିଁ। ଅନ୍ୟପଟେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଡିଟେଡ୍ କୋଭିଡ୍ ଡେଥ୍ ଲିଷ୍ଟରେ ଉଲ୍ଲେଖ ନାମ ଆଧାରରେ ସମ୍ପୃକ୍ତ ୮ ମୃତକଙ୍କ ଉତ୍ତରାଧିକାରୀକୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲାପାଳ ସରୋଜ କୁମାର ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ଅଡିଟେଡ୍ କୋଭିଡ୍ ଡେଥ୍‌ଲିଷ୍ଟରେ ତାଲିକାଭୁକ୍ତ ଉକ୍ତ ୮ ମୃତକ ହେଲେ ହିନ୍ଦୋଳ ତହସିଲ ନୂଆପାଣିସାହି ନିଜିଗଡ ଅଞ୍ଚଳର ମନୋଜ ବରାଳ (୪୯), ବାଲିମୀ ଅଞ୍ଚଳର ସୁବାସ ଚନ୍ଦ୍ର ପଟ୍ଟନାୟକ (୫୦), ଡଲି ବିଶ୍ୱାଳ (୩୦), ପୂର୍ଣ୍ଣଚନ୍ଦ୍ର ସାହୁ (୭୧), ହିନ୍ଦୋଳ ଅଞ୍ଚଳର ସଜନି ନାୟକ (୪୦), ପଡ଼ିଆବେଡ଼ା ଅଞ୍ଚଳର ବିଦ୍ୟାଧର ଟୁଡୁ (୫୪), ଗମୁଆ ଅଞ୍ଚଳର ବବ୍ରୁବାହାନ ସାମଲ (୫୬), ଚାନ୍ଦୋଳ ଅଞ୍ଚଳର ମହେଶ୍ୱର ଦାସ (୪୮)। ଏ ନେଇ ହିନ୍ଦୋଳ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ବିଡିଓ, ପିଇଓ, ଉପଖଣ୍ଡର ସମସ୍ତ ଥାନାଧିକାରୀ, ରାଜସ୍ୱ ନିରୀକ୍ଷକଙ୍କୁ ନୋଟିସର ନକଲ କାର୍ଯ୍ୟାଳୟରେ ଲଗାଇବା ସହିତ ମୃତବ୍ୟକ୍ତିଙ୍କ ଠିକଣା ଖୋଜିବା ଲାଗି ପଦକ୍ଷେପ ନେବାକୁ କୁହାଯାଇଛି।












# ୧୦ ବିଦେଶ ଫେରନ୍ତାଙ୍କ ପତ୍ତା ମିଳୁନି

ଢେଙ୍କାନାଳ ଅଫିସ, ୩୧।୧୨

ରାଜ୍ୟରେ କାୟା ବିସ୍ତାର କରୁଥିବା ଓମିକ୍ରନ୍ ସଂକ୍ରମଣକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ରାଜ୍ୟ ସରକାର। ଭିଡ଼ ଏଡ଼ାଇବାକୁ ଜାନୁୟାରୀରେ କଟକଣା ଆହୁରି କଡ଼ାକଡ଼ି କରାଯାଇଛି। ହେଲେ ବିଦେଶାଗତଙ୍କୁ ନେଇ ଚିନ୍ତାରେ ପଡ଼ିଛି ଢେଙ୍କାନାଳ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ। କାରଣ ବିଦେଶରୁ ଜିଲାକୁ ବାହୁଡ଼ିଥିବା ୧୦ଜଣଙ୍କ ପତ୍ତା ମିଳୁନାହିଁ। ସମ୍ପୃକ୍ତ ବିଦେଶ ଫେରନ୍ତାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଚିହ୍ନଟ କରିବାକୁ ସ୍ୱାସ୍ଥ୍ୟ କେନ୍ଦ୍ର, ଆଶା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସୁଦ୍ଧା ମୋଟ୍ ୧୩୪ ଜଣ ବିଦେଶରୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ରେଡ୍‌ଜୋନ୍ (ଓମିକ୍ରନ୍ ସଂକ୍ରମଣ ବୃଦ୍ଧି ପାଇଥିବା ଦେଶ)ରୁ ୨୯ ଏବଂ ଗ୍ରୀନ୍ ଜୋନ୍ (କରୋନା ସଂକ୍ରମଣ ବୃଦ୍ଧି ପାଇଥିବା ଦେଶ)ରୁ ୧୦୫ ଜଣ ରହିଛନ୍ତି। ତନ୍ମଧ୍ୟରୁ ୧୨୪ଜଣଙ୍କୁ ଚିହ୍ନଟ କରାଯାଇଛି। ହେଲେ ଅବଶିଷ୍ଟ ୧୦ ଜଣଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରୁନାହିଁ। ସେମାନଙ୍କ ଟେଲିଫୋନ ନମ୍ବର, ଠିକଣା ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ସୂଚନା ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ତାଲିକା ଜିଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି। ସମ୍ପୃକ୍ତ ୧୦ଜଣ ନିଜ ଅଞ୍ଚଳର ଲୋକ, ପରିବାର ସହିତ ମିଳାମିଶା କରିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ସେମାନେ ଓମିକ୍ରନ୍ ସ୍ପ୍ରେଡ଼ର ପାଲଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଯାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢ଼ିଛି। ଅପରପକ୍ଷେ ରେଡ୍‌ଜୋନ୍‌ରୁ ଫେରିଥିବା ୨୮ ଏବଂ ଗ୍ରୀନଜୋନରୁ ଫେରିଥିବା ୪୪ ଜଣଙ୍କ ଉଭୟ ଆର୍‌ଟିପିସିଆର ଏବଂ ଓମିକ୍ରନ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୬ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଅନ୍ୟମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ୧୦ ବିଦେଶ ଫେରନ୍ତା ଦାଖଲ କରିଥିବା ମୋବାଇଲ୍ ନମ୍ବର, ଠିକଣା ଭୁଲ୍ ଥିଲେ ସମସ୍ୟା ବଢ଼ିବ। ତଥାପି ଯଥାସମ୍ଭବ ସେମାନଙ୍କୁ ଚିହ୍ନଟ କରିବାକୁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

ପବିତ୍ରନଗର,୩୧।୧୨(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ମିନିଷ୍ଟାଡିୟମରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରାବିଲ ସରପଞ୍ଚ ବଂଶୀଧର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ଗଡ଼ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପବିତ୍ରନଗର କ୍ଲବ ସଭାପତି ଶାନ୍ତନୁ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ୯ ବଖରା ପୋଡ଼ି ପାଉଁଶ

ପରଜଙ୍ଗ, ୩୧।୧୨(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମ ତଳସାହିରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୯ ବଖରା ଚାଳ ଛପର ଘର ଛାରଖାର ହୋଇଯାଇଛି। ଶର୍ଟସର୍କିଟ୍‌ରୁ ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ଗିରୀଶ ସାହୁଙ୍କ ୨ ବଖରା ସହ ୧୫ ବସ୍ତା ଧାନ, କିଶୋରୀ ସାହୁଙ୍କ ୨ ବଖରା ସହ ୫ ବସ୍ତା ଧାନ, ଦୁଷ୍ମନ୍ତ ସାହୁଙ୍କ ୨ ବଖରା ସହ ୧୫ ବସ୍ତା ଧାନ, କବିବର ସାହୁଙ୍କ ୨ ବଖରା ସହ ୫ ବସ୍ତା ଧାନ, ଦୁଃଶାସନ ସାହୁଙ୍କ ବଖରାଏ ସହ ୨ ବସ୍ତା ଧାନ ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଛି। ଶୋଇଥିବା ବେଳେ ନିଆଁ ଲାଗିଯାଇଥିଲା। ଜୀବନ ବିକଳରେ ପରିବାର ଲୋକେ ବାହାରକୁ ପଳାଇ ଆସିଥିବାବେଳେ ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ପରଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।







## ଦୋକାନ ଭିତରକୁ ପଶିଗଲା ଟ୍ୟାଙ୍କର

ପବିତ୍ରନଗର, ୩୧।୧୨ (ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ଗହମଠାରେ ଶୁକ୍ରବାର ସକାଳେ ଏକ ଟ୍ୟାଙ୍କର (ନଂ. ଏମଏଚ୪୮ଏଜି-୨୬୮୯) ଭାରସାମ୍ୟ ହରାଇ ୨ଟି ଦୋକାନ ଭିତରକୁ ପଶିଯାଇଛି। ଖମାରଆଡୁ ତାଳଚେର ଅଭିମୁଖେ ଯାଉଥିବା ଉକ୍ତ ଟ୍ୟାଙ୍କର ଗହମ ଗ୍ରାମ ବର ଛକ ବୁଲାଣିଠାରେ ଦୋକାନ ମଧକୁ ମାଡ଼ି ଯିବାରୁ ଉଭୟ ଦୋକାନର ସମ୍ମୁଖ ଭାଗ ଭାଙ୍ଗିଯାଇଛି। ବହୁ ଜିନିଷପତ୍ର ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

## ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୩୧।୧୨: ଅନୁଗୋଳ ଜିଲାରୁ ଶୁକ୍ରବାର ୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୫୧୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ୨ଜଣ ତାଳଚେର ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ଦିନକରେ ଜିଲାରୁ ଜଣେ କୋଭିଡ୍‌ରୁ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

## ଦେଉଳଝରି ପାଇଁ ୪ କୋଟି ମଞ୍ଜୁର

ଆଠମଲ୍ଲିକ, ୩୧।୧୨ (ଡି.ଏନ.ଏ.): ଆଠମଲ୍ଲିକ ବ୍ଲକର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ କେନ୍ଦ୍ର ଦେଉଳଝରୀ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ବୁଧବାର ୪ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାରଙ୍କ ଅର୍ଥ ପରାମର୍ଶଦାତା ତଥା ଯୁଗ୍ମ ସମ୍ପାଦକ ପତ୍ରସଂଖ୍ୟା ୧୦୫୬୮ରେ ଓଟିଡିସି ପରିଚାଳନା ନିର୍ଦ୍ଦେଶକଙ୍କୁ ଏହା ଜଣାଇଥିବା ସୂଚନା ମିଳିଛି। ଏହି ଅର୍ଥରୁ ୮୨ ଲକ୍ଷ ଟଙ୍କାରେ ଏକ କାଫେଟେରିଆ, ୩୫ ଲକ୍ଷରେ ଶୌଚାଳୟ ଓ ପାନୀୟଜଳ ଯୋଗାଣ, ୧୫ ଲକ୍ଷ ଟଙ୍କାରେ ଯଜ୍ଞମଣ୍ଡପ, ୨୦ ଲକ୍ଷ ଟଙ୍କାରେ ପାରିପାର୍ଶ୍ୱିକ ଉନ୍ନତି, ୪୦ ଲକ୍ଷ ଟଙ୍କାରେ ୧୦ ଗୋଟି ଭେଣ୍ଡିଙ୍ଗଜୋନ, ଚତୁଃପାର୍ଶ୍ୱର ଉନ୍ନତି ଓ ମାଟିକାର୍ଯ୍ୟ ପାଇଁ ୨୦ ଲକ୍ଷ, ଚଲାପଥ ଓ ଗାଡି ପାର୍କିଂଜାଗା ପାଇଁ ୫୦ ଲକ୍ଷ, ବୋରୱେଲ ଓ ଜଳଯୋଗାଣ ପାଇଁ ୨୦ ଲକ୍ଷ, ପ୍ରବେଶପଥର ଗେଟ୍ ଓ ବାଉଣ୍ଡାରି ପାଇଁ ୨୦ ଲକ୍ଷ, ବିଦ୍ୟୁତ୍ ଯୋଗାଣ ପାଇଁ ୧୮ ଲକ୍ଷ, ଡ୍ରେନେଜ୍ ସିଷ୍ଟମ ପାଇଁ ୧୦ ଲକ୍ଷ, ସେପ୍ଟିକ ଟାଙ୍କି ଓ ସୋକପିଟ ପାଇଁ ୭ ଲକ୍ଷ ୫୦ ହଜାର, ଫଟୋ ଉଠାଇବା ସ୍ଥାନପାଇଁ ୪ ଲକ୍ଷ, ବିଭିନ୍ନ ସୂଚନାଫଳକ ପାଇଁ ୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଦେଉଳଝରୀର ଉନ୍ନତୀକରଣ ବାବଦରେ ରାଜ୍ୟ ସରକାର ପଦକ୍ଷେପ ନେଇଥିବାରୁ ଆଠମଲ୍ଲିକବାସୀ ସାଧୁବାଦ ଜଣାଇଛନ୍ତି।



























